## ସଂକ୍ଷେପରେ

# ପଦାର୍ଥବିଜ୍ଞାନୀ ଜର୍ଜ ସୁଦର୍ଶନଙ୍କ ଦେହାନ୍ତ



**ହୋଷ୍ଟନ୍, ୧୪।୫/ପିଟି:** ଭାରତୀୟ ବଂଶୋଦ୍ଭବ ବିଶ୍ୱବିଖ୍ୟାତ ପଦାର୍ଥବିତ୍ ଇସି ଜର୍ଜ ସୁଦର୍ଶନଙ୍କର ଟେକ୍ସାସ୍‌ର ଅଷ୍ଟିନ୍‌ରେ ୮୬ ବର୍ଷ ବୟସ ପରଲୋକ ଘଟିଛି। କେରଳରେ ଜନ୍ମିତ ସୁଦର୍ଶନ ୪୦ ବର୍ଷ ଧରି ଟେକ୍ସାସ୍ ୟୁନିଭରସିଟିରେ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ଲାଗି ଭାରତ ସରକାର ପ୍ରଫେସର ସୁଦର୍ଶନଙ୍କୁ ୨୦୦୭ରେ ପଦ୍ମବିଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ସେ ପଦାର୍ଥ ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଅନେକଗୁଡ଼ିଏ ଆବିଷ୍କାର କରିଥିଲେ। ନୋବେଲ ପୁରସ୍କାର ପାଇଁ ତାଙ୍କ ନାମ ୯ଥର ସୁପାରିସ୍ କରାଯାଇଥିଲେ ମଧ୍ୟ ସେ ସେଥିରୁ ବଞ୍ଚିତ ହୋଇଥିଲେ।